ଗୋଷ୍ଠୀ ଜଙ୍ଗଲ ସମ୍ପଦ ଅଧିକାରର ଅନୁସନ୍ଧିତ୍ସୁ

# ଜୈବ ବିବିଧତା ପରିଚାଳନା କମିଟି

(Biodiversity Management Committees)

ସଂରକ୍ଷଣ ଏବଂ ପରିଚାଳନା ଦୃଷ୍ଟିକୋଣରୁ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଉପରେ ଅଧିକାରର ସ୍ୱୀକୃତି) ଆଇନ, ୨୦୦୬

KALPAVRIKSH

कल्पवृक्ष

Environmental Action Group

ପ୍ରାକୃତିକ ସମ୍ବଳ ଉପରେ ନିଷ୍ଠାପରଭାବେ ଗବେଷଣା କରିଆସୁଥିବା ଜାତୀୟସ୍ତରର ଖ୍ୟାତିସମ୍ପନ୍ନ ସଙ୍ଗଠନ 'କଳ୍ପବୃକ୍ଷ' (KALPAVRIKSH) ତରଫରୁ ଅନେକ ଉପାଦେୟ ପୁସ୍ତିକା ଇଂରାଜୀରେ ରଚନା କରାଯାଇଛି । ସେ ଭିତରୁ କିଛି ପୁସ୍ତିକାକୁ ସେମାନେ 'ସମଦୃଷ୍ଟି ମୁକ୍ତ ବିଦ୍ୟାଳୟ' (Samadrusti Open School) ମାଧ୍ୟମରେ ଓଡ଼ିଶାର ଜନସାଧାରଣଙ୍କ ନିକଟରେ ଓଡ଼ିଆରେ ଉପଲବ୍ଧ କରିବା ପାଇଁ ଆମକୁ ଅନୁରୋଧ କରିଥିଲେ । ପୁସ୍ତିକାଗୁଡ଼ିକର ଉପାଦେୟତାକୁ ଉପଲବ୍ଧ କରିବା ପରେ ଆମେ ତାକୁ ଓଡ଼ିଆରେ ଅନୁବାଦ କରିବା ପାଇଁ ସମ୍ମତି ପ୍ରଦାନ କଲୁ । ଏହିକ୍ରମରେ ଏହି ପୁସ୍ତିକାଟିକୁ ଅନୁବାଦ କରାଯାଇଛି । ସମସାମୟିକ ସମସ୍ୟା ଏବଂ ସେଥିରେ ସୁଧାର ଆଣିବା ପାଇଁ ହେଉଥିବା ନୀତି, ନିୟମ ଓ କାନୁନ୍‌ଗୁଡ଼ିକୁ ସାଧାରଣ ଲୋକଙ୍କ ନିକଟରେ ସେମାନଙ୍କ ଭାଷାରେ ପ୍ରକାଶ କରିବା ପାଇଁ 'କଳ୍ପବୃକ୍ଷ' (KALPAVRIKSH) ଯେଉଁ ପଦକ୍ଷେପ ନେଇଛନ୍ତି, ଆମେ ତାକୁ ସ୍ୱାଗତ କରୁଛୁ ଏବଂ ସେଥିପାଇଁ ସେମାନଙ୍କୁ ଧନ୍ୟବାଦ ମଧ୍ୟ ଦେଉଛୁ ।

ସୁରେଶ ତ୍ରିପାଠୀ

*ସମଦୃଷ୍ଟି ମୁକ୍ତ ବିଦ୍ୟାଳୟ*

# ଉପକ୍ରମ

ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ଜଙ୍ଗଲ ଉପରେ ଅଧିକାରର ସ୍ୱୀକୃତି ଆଇନ ୨୦୦୬କୁ ୨୦୦୮ ମସିହାରେ କାର୍ଯ୍ୟକାରୀ କରାଯାଇଥିଲା । ଜଙ୍ଗଲରେ ବସବାସ କରି ଆସୁଥିବା ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଉପରେ ଅଧିକାରକୁ ସ୍ୱୀକୃତି ପ୍ରଦାନ ପାଇଁ ଏହି ଆଇନରେ ପ୍ରୟାସ କରାଯାଇଛି ।

*ଜଙ୍ଗଲ ଅଧିକାର ଆଇନର ଧାରା ୩(୧)ରେ ନିମ୍ନଲିଖିତ ଅଧିକାର ପ୍ରଦାନ କରାଯାଇଛି:*

- *ଜଙ୍ଗଲରେ ବାସ କରିବା ଏବଂ ଚାଷ କରିବାର ଅଧିକାର*
- *ଜମିଦାରୀ ପ୍ରଥା ସମୟରେ ନିସ୍ତାର ଜଙ୍ଗଲ କିମ୍ବା ସେହିଭଳି ନାମରେ ଲୋକଙ୍କୁ ମିଳିଥିବା ଗୋଷ୍ଠୀଭିତ୍ତିକ ଜଙ୍ଗଲ ଅଧିକାର*
- *ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ଓ ବିକ୍ରୟ ଅଧିକାର*
- *ପୋଖରୀ ଏବଂ ଚାରଣଭୂମି ଉପରେ ଅଧିକାର*
- *ଆଦିମ ଜନଜାତି ଓ ପ୍ରାକ୍ କୃଷିଜୀବୀମାନଙ୍କ ପ୍ରାକୃତିକ ବାସସ୍ଥଳୀ ଓ ବସତି ଉପରେ ଗୋଷ୍ଠୀଗତ ଅଧିକାର*
- *ଗୋଷ୍ଠୀର ଜଙ୍ଗଲ ସମ୍ପଦର ସୁରକ୍ଷା ଅଧିକାର ରହିଛି*

ଜଙ୍ଗଲ ଅଧିକାର ଆଇନର ଧାରା ୩(୨) ଅନୁସାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଉଦ୍ଦେଶ୍ୟରେ ଜଙ୍ଗଲ ଜମିକୁ ବ୍ୟବହାର କରିବା ପାଇଁ ସରକାରଙ୍କୁ କ୍ଷମତା ପ୍ରଦାନ କରାଯାଇଛି ।

ଉପରୋକ୍ତ ଅଧିକାର ସବୁ ଜଣେ ବ୍ୟକ୍ତି ବା ଗୋଷ୍ଠୀ ଭାବରେ ଦାବୀ କରିପାରିବେ ।

ଜଙ୍ଗଲରେ ବସବାସ କରିଆସୁଥିବା ଆଦିବାସୀ ଅଂଚଳରେ ବନବାସୀଙ୍କର ପାରମ୍ପରିକ ଅଧିକାର ଓ ରାଷ୍ଟ୍ରର ବିକାଶ ନୀତି ଅନୁଯାୟୀ ଆର୍ଥିକ ଉନ୍ନତି ଏବଂ ପରିବେଶଗତ ଲକ୍ଷ୍ୟ ହାସଲ ମଧ୍ୟରେ ସନ୍ତୁଳନ ରକ୍ଷା କରାଯିବା ପାଇଁ ଏହି ଆଇନରେ ପ୍ରୟାସ କରାଯାଇଛି । ବିଗତ ୨ବର୍ଷ ମଧ୍ୟରେ ଏହି ଆଇନକୁ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଏହାର ନିର୍ଦ୍ଦିଷ୍ଟ କେତୋଟି ଧାରାକୁ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟକାରୀ କରାଯାଇଛି । ଏହାକୁ କାର୍ଯ୍ୟକାରୀ କରିବା ସମୟରେ ଜଙ୍ଗଲ ଜମି ଉପରେ (ବ୍ୟକ୍ତିଗତ) ଅଧିକାରକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ଉପରେ ଗୋଷ୍ଠୀର ଅଧିକାରକୁ ବ୍ୟାପକ ଅବହେଳା କରାଯାଇଛି । ସାମୂହିକ ସମ୍ପଦର ଗୋଷ୍ଠୀଗତ ଭାବେ ସଂରକ୍ଷଣ ଓ ପରିଚାଳନାକୁ ସହଯୋଗ କରିବା ପାଇଁ ଏହି ଆଇନରେ କେତୋଟି ପ୍ରସ୍ତାବ ରହିଛି । ପ୍ରସ୍ତାବ ଗୁଡ଼ିକ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ, ଯେ ବର୍ତ୍ତମାନର କେନ୍ଦ୍ରୀକୃତ ଜଙ୍ଗଲ ପରିଚାଳନା ବ୍ୟବସ୍ଥାର ପରିବର୍ତ୍ତନ କରାଯାଇ ଅଧିକ ବିକେନ୍ଦ୍ରିତ ପରିଚାଳନା ଓ ଏହା ମାଧ୍ୟମରେ ଗୋଷ୍ଠୀ ପାଇଁ ଜୀବିକାର ସୃଷ୍ଟି ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ।

# ଜୈବ ବିବିଧତା ପରିଚାଳନା କମିଟି

*୧) ଜୈବ ବିବିଧତା ପରିଚାଳନା କମିଟି କ'ଣ ?*

ଜୈବ ବିବିଧତା ଆଇନ ୨୦୦୨କୁ କାର୍ଯ୍ୟକାରୀ କରିବାପାଇଁ ପ୍ରତ୍ୟେକ ସ୍ୱାୟତ୍ତ ଶାସନ ସଂସ୍ଥା (local bodies like panchayat, Municipality etc) ଏକ ସାଙ୍ଗଠନିକ ସଂରଚନା ଅବସ୍ଥାପିତ କରିବେ । ଆଇନର ୪୧ଧାରାରେ ଏହି ନିର୍ଦ୍ଦେଶ ଦିଆଯାଇଛି । ଏ ସମ୍ପର୍କରେ ଟିକିନିଖି ପ୍ରସ୍ତାବଗୁଡ଼ିକ ୨୦୦୪ ଜୈବବିବିଧତା ପରିଚାଳନା ଆଇନରେ ପ୍ରଦାନ କରାଯାଇଛି ।

ଜୈବ ବିବିଧତା ଆଇନର କାର୍ଯ୍ୟକାରି କରିବା କେନ୍ଦ୍ରୀୟ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ (Union Ministry of Enviornment and Forest)ଙ୍କ ଦାୟିତ୍ୱ ଅଟେ । (ଏହି ଆଇନ ଏକ ନୂତନ ତ୍ରିସ୍ତରୀୟ ସାଙ୍ଗଠନିକ ଢା*। ନିର୍ମାଣ ପାଇଁ ପ୍ରସ୍ତାବ ଦେଇଛି) ଯେଉଁଠାରେ ଜୈବ ବିବିଧତାର ସଂରକ୍ଷଣ ଏବଂ ବ୍ୟବସାୟିକ ବ୍ୟବହାର ପାଇଁ ନିଷ୍ପତ୍ତି ନିଆଯିବ । ସର୍ବୋଚ୍ଚ ସଙ୍ଗଠନଟି ହେଲା ଜାତୀୟ ଜୈବ ବିବିଧତା ପ୍ରାଧିକରଣ (NBA), ଏହା ହେଉଛି ଏହାର ମୂଳ ଅନୁଷ୍ଠାନ ଯାହାର ମୁଖ୍ୟ କାର୍ଯ୍ୟାଳୟ ଚେନ୍ନାଇରେ ରହିଛି । ଏହାର ଦ୍ୱିତୀୟ ସ୍ତରରେ ସାଙ୍ଗଠନିକ ସଂରଚନାରେ ଅଛି ରାଜ୍ୟ ଜୈବବିବିଧତା ପରିଷଦ (SBDS), ପ୍ରତ୍ୟେକ ରାଜ୍ୟରେ ପ୍ରତିଷ୍ଠା କରାଯିବ । ଜୈବ ବିବିଧତା ପରିଚାଳନା କମିଟି ସ୍ଥାନୀୟ ସ୍ତରରେ (local level) ନିର୍ମାଣ କରାଯିବ ।

*ଜୈବ ବିବିଧତା ପରିଚାଳନା କମିଟି କିଏ ଗଠନ କରିପାରିବ ?*

ଜୈବ ବିବିଧତା ପରିଚାଳନା କମିଟି ଗ୍ରାମା*ଳ ଏବଂ ସହରା*ଳରେ ଗଠନ କରାଯିବ । ଗ୍ରାମା*ଳରେ ପ*ାୟତ ବା ପ*ାୟତସଦୃଶ ଅନ୍ୟ ସଙ୍ଗଠନ (ଉଦାହରଣସ୍ୱରୂପ Autonomus District Council, Hill Council) ସହରା*ଳ, ମ୍ୟୁନିସିପାଲଟି ଏବଂ ଯେଉଁଠି ପ*ାୟତ ଓ ମ୍ୟୁନିସିପାଲିଟି ନଥିବ ; ସେଠାରେ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥା ଦ୍ୱାରା ଆଇନଗତ ସ୍ୱୀକୃତିପ୍ରାପ୍ତ ଯେକୌଣସି ଅନୁଷ୍ଠାନ ଜୈବବିବିଧତା ପରିଚାଳନା କମିଟି ଗଠନ କରିପାରିବେ ।

୩) *ଜୈବ ବିବିଧତା ପରିଚାଳନା କମିଟିର (BMC) ଗଠନ ପାଇଁ କୌଣସି ସ୍ଥାନୀୟ ଜନଗୋଷ୍ଠୀ ମନାକଲେ ?*

ଆଇନରେ ଏଭଳି ଏକ ପରିସ୍ଥିତି ସମ୍ପର୍କରେ କଳ୍ପନା କରାଯାଇ ନାହିଁ । ବିଏମ୍‌ସି ଗଠନ ବାଧ୍ୟତାମୂଳକ ଅଟେ । (ଧାରା ୪୧.୧ ଏବଂ ନିୟମ ୨୨.୨) decentralization । ଯଦି ଗୋଟିଏ ଗାଁ ଚାହିଁବ, ତା'ହେଲେ ଜୈବବିବିଧତା ପରିଚାଳନା କମିଟି ଗଠନ କରିବା ପାଇଁ ମନା କରିପାରିବ ।

*୪) ଜୈବ ବିବିଧତା ପରିଚାଳନା କମିଟିର ସଂରଚନା କିପରି ହେବ ?*

ଜୈବ ବିବିଧତା ପରିଚାଳନା କମିଟିରେ ଜଣେ ସଭାପତି ରହନ୍ତି ଏବଂ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥା ଦ୍ୱାରା ୬ଜଣ ସଦସ୍ୟଙ୍କୁ ମନୋନୀତ କରାଯାଏ । ଏକ ତୃତୀୟାଂଶ ସଦସ୍ୟ ମହିଳା ଏବଂ ୧୮% ପ୍ରତିଶତ ସଦସ୍ୟ ଆଦିବାସୀ ଓ ଦଳିତ ଶ୍ରେଣୀର ହେବେ । କମିଟିର ସଦସ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ସଭାପତିଭାବେ ନିର୍ବାଚିତ କରାଯାଏ ।

*୫) ରାଜ୍ୟ ଜୈବବିବିଧତା ପରିଷଦ (SBB) ଗଠନ ହୋଇନଥିବା ରାଜ୍ୟରେ ବିଏମ୍‌ସି (ଜୈବ ବିବିଧତା ପରିଚାଳନା କମିଟି) ଗଠନ କରାଯାଇ ପାରିବ କି ?*

ଜୈବ ବିବିଧତା ଆଇନ (BDA) ଅନୁସାରେ, ବିଏମ୍‌ସି ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାଦ୍ୱାରା ଗଠିତ ହେଉଥିବାରୁ ଏହା 'ରାଜ୍ୟ ଜୈବବିବିଧତା ପରିଷଦ'ର ଗଠନ ଓ କାର୍ଯ୍ୟକାରିତା ଉପରେ ନିର୍ଭରଶୀଳ ନୁହେଁ ।

*୬) ଜୈବ ବିବିଧତା ପରିଚାଳନା କମିଟିର (BMCS) ଚାହିଦା ପୂରଣ କରିବାର ସମ୍ବଳର ଭୂମିକା କ'ଣ ?*

ଜୈବ ବିବିଧତା ସଂରକ୍ଷଣ ଆଇନ ବିଏମ୍‌ସି ସଂରକ୍ଷଣ, ଜୈବ ସମ୍ପଦର ନିରନ୍ତର ବ୍ୟବହାର (sustainable use)ଏବଂ ଜୈବବିବିଧତାର ତାଲିକା ପ୍ରସ୍ତୁତ ପାଇଁ ବ୍ୟାପକ କ୍ଷମତା ପ୍ରଦାନ କରାଯାଇଛି । ପଶୁ, ଉଦ୍ଭିଦଙ୍କ ପ୍ରାକୃତିକ ବାସସ୍ଥଳୀର ସଂରକ୍ଷଣ, ଜନଜାତିର ପ୍ରାକୃତିକ ପରିବେଶର ସଂରକ୍ଷଣ, ବିଶ୍ୱପ୍ରଜାତିର ପଶୁ ଓ ଜୀବାଣୁ, ବୀଜାଣୁର ସଂରକ୍ଷଣ ମଧ୍ୟ ଆଇନର ଅନ୍ତର୍ଭୁକ୍ତ ଅଟେ । ମାନବସମାଜର ଚାହିଦା ପୂରଣପାଇଁ ଆବଶ୍ୟକ ଜୈବ ସମ୍ବଳର ତାଲିକାକରଣ ଏବଂ ଏହା ସମ୍ପର୍କିତ ସ୍ଥାନୀୟ ଲୋକଙ୍କ ଜ୍ଞାନର ନଥି ବା ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ।

ଏହି ଆଇନର (ଧାରା-୨୨) ବିଏମ୍‌ସିଗୁଡ଼ିକର ଭୂମିକା (ସମ୍ବଳ ଏବଂ ଜ୍ଞାନର) କେବଳ ଲିପିବଦ୍ଧ କରିବା ଏବଂ ଲୋକଙ୍କ ଦ୍ୱାରା ଜୈବବିବିଧତା ରେଜିଷ୍ଟର



(PBRS)ପ୍ରସ୍ତୁତ କରିବା । ରାଜ୍ୟ ଜୈବବିବିଧତା ପରିଷଦ ଏହା ବିଏମ୍‌ସିଙ୍କୁ ମାର୍ଗ ପ୍ରଦର୍ଶନ କରିବ । ପିବିଆର୍‌ଏସ୍‌ରେ ଜୈବ ସମ୍ବଳ ସମ୍ପର୍କରେ ତଥ୍ୟ ଏବଂ ଔଷଧୀୟ ତଥା ଅନ୍ୟାନ୍ୟ ପାରମ୍ପରିକ ଜ୍ଞାନ ବ୍ୟବହାର ସମ୍ପର୍କରେ ଲିପିବଦ୍ଧ ହେବ । (ଧାରା ୨୨.୬) ।

ବିଏମ୍‌ସି ଜୈବସମ୍ବଳର ବ୍ୟବହାରକାରୀ ବୈଦ୍ୟଙ୍କ ତାଲିକା ମଧ୍ୟ ପ୍ରସ୍ତୁତ କରିବା ଆବଶ୍ୟକ ।

ନିୟମରେ ଏହା ମଧ୍ୟ ଉଲ୍ଲେଖ ଅଛି ଯେ ଏନ୍‌ବିଏ ଏବଂ ଏସ୍‌ବିବି ନିକଟଙ୍କୁ ପଠାଯାଇଥିବା ବିଷୟବସ୍ତୁ ଉପରେ ବିଏମ୍‌ସି ପରାମର୍ଶ ପ୍ରଦାନ କରିପାରିବେ । ରାଜ୍ୟ ଏବଂ କେନ୍ଦ୍ରୀୟ ସଂସ୍ଥା ଅନୁରୋଧକଲେ କେବଳ ଉପଦେଶ ପ୍ରଦାନ କରିପାରିବେ । ମାତ୍ର ବିଏମ୍‌ସିର ପରାମର୍ଶ ଅନୁସାରେ କୌଣସି ନିଷ୍ପତ୍ତି ଗ୍ରହଣ କରିବେ କି ନାହିଁ ତାହା ଉଭୟ ସଂସ୍ଥାର ଇଚ୍ଛାଧୀନ ଅଟେ ।

ବିଏମ୍‌ସି ଏକ ସ୍ୱତନ୍ତ୍ର ରେଜିଷ୍ଟାର ପ୍ରସ୍ତୁତ କରିବ ଯେଉଁଥିରେ ଜୈବସମ୍ପଦ ବ୍ୟବହାର ଓ ପାରମ୍ପରିକ ଜ୍ଞାନ ସମ୍ପର୍କରେ ଏବଂ ସଂଗୃହୀତ ଫିଜ୍ ଏବଂ ଲାଭାଂଶ ପ୍ରଦାନ ସମ୍ପର୍କରେ ଉଲ୍ଲେଖ ରହିବ ।

ବିଏମ୍‌ସିର ଜୈବ ସମ୍ପଦର ସଂରକ୍ଷଣ ସମ୍ପର୍କ ଆଇନ ବା ନିୟମ ***(Rules)***ରେ ଉଲ୍ଲେଖ ନାହିଁ ।

*୭) ଜୈବ ବିବିଧତା ପରିଚାଳନା କମିଟି ଜାତୀୟ ଓ ରାଜ୍ୟସ୍ତରରେ ଗଠନ ପାଇଁ କୌଣସି ନିର୍ଦ୍ଦେଶାବଳୀ ଅଛି କି ?*

ମେ୨୦୦୮ ପର୍ଯ୍ୟନ୍ତ ବିଏମ୍‌ସି ଗଠନ ପାଇଁ କୌଣସି ନିର୍ଦ୍ଦେଶାବଳୀ ବା basic principles ସ୍ଥିର ହୋଇନାହିଁ ।

*୮) ଜନ ଜୈବ ବିବିଧତା ରେଜିଷ୍ଟାର (PBRS) ପ୍ରସ୍ତୁତିର କ'ଣ ଆବଶ୍ୟକତା ରହିଛି ?*

ଜୈବ ସମ୍ପଦର ତାଲିକା ପ୍ରସ୍ତୁତ ସ୍ଥାନୀୟ ଅଧିବାସୀଙ୍କ ପାଇଁ ଏକ ଅନାବଶ୍ୟକ କାର୍ଯ୍ୟ ନୁହେଁ । ସ୍ଥାନୀୟ ଜନଗୋଷ୍ଠୀ ଜୈବସମ୍ପଦର ଉପଲବ୍ଧତା ଏବଂ ଏହା ସମ୍ପର୍କିତ ପାରମ୍ପରିକ ଜ୍ଞାନ ଲିଖିତ, ମୌଖିକ ଏବଂ ଲୋକଗୀତ ମାଧ୍ୟମରେ ଲିପିବଦ୍ଧ କରିଆସିଛନ୍ତି ।

ବର୍ତ୍ତମାନର ଜନ ଜୈବ ବିବିଧତା ରେଜିଷ୍ଟାର (PBR) ପ୍ରସ୍ତୁତି ପାଇଁ ବ୍ୟବହୃତ ପଦ୍ଧତି ବିଭିନ୍ନ ଅଫିସ କାର୍ଯ୍ୟରେ ବ୍ୟବହାର କରିବା ଉଦ୍ଦେଶ୍ୟରେ NBA (ଏନ୍‌ବିଏ)ର ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି । ଏହି ପିବିଆର୍ ପଦ୍ଧତି ତଥ୍ୟ ସଂଗ୍ରହର ଢାଂଚା (ଟେବୁଲ ଏବଂ ବିଭିନ୍ନ ପ୍ରକାରର ଆବଶ୍ୟକ ତଥ୍ୟ)କୁ ବିଏମ୍‌ସି ଦ୍ୱାରା ଗବେଷକ ଏବଂ ଛାତ୍ରମାନଙ୍କଦ୍ୱାରା ପୂରଣ କରାଯିବ । ଏହି ତଥ୍ୟକୁ India Biodiversity Information System(IBIS)ସଂଲଗ୍ନ କରାଯିବ ।

ଜନ ଜୈବବିବିଧତା ରେଜିଷ୍ଟାରଗୁଡ଼ିକର(PBRS) ବିଏମ୍‌ସି ଏକମାତ୍ର ତତ୍ତ୍ୱାବଧାରକ କି ନୁହେଁ, ଏହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ନୁହେଁ । ଯଦିଓ ଆଇନରେ ବିଏମ୍‌ସିକୁ ପିବିଆରଗୁଡ଼ିକୁ ନିୟମିତ(update)କରି ରଖିବା ଦାୟିତ୍ୱ ନ୍ୟସ୍ତ କରାଯାଇଛି (Rules22.10) । ପିବିଆରଗୁଡ଼ିକର ଅପବ୍ୟବହାରକୁ ରୋକିବା ପାଇଁ କୌଣସି ଆଇନଗତ ସୁରକ୍ଷା ପ୍ରଦାନ କରାଯାଇ ନାହିଁ ।

ପିବିଆର୍‌ରେ ଲିପିବଦ୍ଧ କରାଯାଉଥିବା ଜୈବବିବିଧତା ସମ୍ପର୍କିତ ଜ୍ଞାନର ଆବଶ୍ୟକ ଆଇନଗତ ସୁରକ୍ଷା ବିନା ଏବଂ ବିଏମ୍‌ସି ଗଠନ ପାଇଁ ଯଥେଷ୍ଟ ଆଧାର ନଥାଇ ପିବିଆର ପ୍ରସ୍ତୁତିକୁ ନେଇ ଉଦ୍‌ବେଗ ପ୍ରକାଶ ପାଉଛି । ଏହା ପ୍ରମାଣିତ ହୋଇସାରିଛି ଯେ ପିବିଆର୍‌ରେ ଲିପିବଦ୍ଧ ଜ୍ଞାନକୁ ସ୍ଥାନୀୟ ଅଧିବାସୀ ବାହ୍ୟ ସହାୟତା ବିନା ବ୍ୟବହାର କରିପାରୁନାହାନ୍ତି ।

*୯) ଜୈବବିବିଧତା ପରିଚାଳନା କମିଟି ଜୈବ ସମ୍ପଦର ବ୍ୟବହାରକୁ ମନା କରିପାରିବ କି, ଅନୁମୋଦନ କରିପାରିବ କି ?*

ନା, ବିଏମ୍‌ସିକୁ ଏହି କ୍ଷମତା ପ୍ରଦାନ କରାଯାଇନାହିଁ । ଜୈବସମ୍ପଦର ଗବେଷଣା, ବ୍ୟବସାୟିକ ବ୍ୟବହାର ଏବଂ ପେଟେଣ୍ଟ୍ ଆଦି କରିବାରୁ ବିଏମ୍‌ସି କାହାକୁ ନିବୃତ୍ତ କରିପାରିବ ନାହିଁ ।

*୧୦) 'ପରାମର୍ଶ' ଅର୍ଥ କ'ଣ ?*

ଏନ୍‌ବିଏ ଏବଂ ଏସ୍‌ବିବି ପାଇଁ ଜୈବସମ୍ପଦ ସମ୍ପର୍କିତ କୌଣସି ପ୍ରକାର ଅନୁମୋଦନ ପ୍ରଦାନ ପୂର୍ବରୁ ବିଏମ୍‌ସିର ପରାମର୍ଶ ନେବା ବାଧ୍ୟତାମୂଳକ, ମାତ୍ର ବିଏମ୍‌ସିର ମତକୁ ଗ୍ରହଣ କରିବା, ନକରିବା ତାଙ୍କ ପାଇଁ ଇଚ୍ଛାଧୀନ । ବିଏମ୍‌ସିର ମତକୁ ଅଧିକ ଗୁରୁତ୍ୱ ଦେବାପାଇଁ ପରାମର୍ଶ ଅର୍ଥ ପୂର୍ବରୁ ସ୍ୱୀକୃତି ନେବା ଭାବେ



ଦର୍ଶାଯାଇଛି (ରାଜ୍ୟ ଆଇନ ମଧ୍ୟପ୍ରଦେଶ ଏବଂ ସିକିମ୍) । ଏହି ନିୟମ କେବଳ ଏସ୍‌ବିବି (SBB) ପାଇଁ ଉପଯୋଗୀ ହୋଇଥିବା ବେଳେ, ଏହା ଏନ୍‌ବିଏ (NBA) ପାଇଁ ନୁହେଁ ।

*୧୧) ଯଦି ବିଏମ୍‌ସି କୌଣସି ସ୍ଥାନରେ ଗଠିତ ହୋଇନଥାଏ, ତା'ହେଲେ ପରାମର୍ଶର ପ୍ରକ୍ରିୟା କ'ଣ ହେବ ?*

ଏନ୍‌ବିଏ (NBA)ଅନୁମୋଦନ କରିବା ପାଇଁ ପଦକ୍ଷେପ ନେଲେ ତାକୁ ରୋକିବା ପାଇଁ ନିୟମରେ କୌଣସି ବ୍ୟବସ୍ଥା ନାହିଁ ।

*୧୨) ଜୈବ ସମ୍ପଦର ବ୍ୟବହାର ପାଇଁ ବିଏମ୍‌ସି ଫିଜ୍ ଆଦାୟ କରିପାରିବ କି ?*

ବିଏମ୍‌ସିର ଭୌଗୋଳିକ ପରିସୀମା ମଧ୍ୟରୁ କୌଣସି ଜୈବ ଦ୍ରବ୍ୟ (entity)ର ବ୍ୟବହାର ପାଇଁ ବ୍ୟବସାୟିକ ଉଦ୍ଦେଶ୍ୟରେ ସଂଗ୍ରହ ହେଲେ, ତା' ଉପରେ ବିଏମ୍‌ସି ଶୁଳ୍କ ଆଦାୟ କରିବ । (ଧାରା ୪୧.୩)

ବିଦେଶୀ ଏବଂ NRIମାନଙ୍କ ପାଇଁ କୌଣସି ଅଂଚଳର ଜୈବ ସମ୍ପଦର ସଂଗ୍ରହ ପାଇଁ ଏନ୍‌ବିଏର ସ୍ୱୀକୃତି ଆବଶ୍ୟକ ।

*୧୩) ଶୁଳ୍କ ନିର୍ଦ୍ଧାରଣ ଓ ସଂଗ୍ରହ ସମ୍ପର୍କରେ କିଏ ନିଷ୍ପତ୍ତି ନିଅନ୍ତି ?*

ବିଦେଶୀ ଏବଂ ବିଦେଶରେ ରହୁଥିବା ଭାରତୀୟମାନଙ୍କୁ ଜୈବ ସମ୍ପଦ ଓ ଏ ସମ୍ପର୍କିତ ଜ୍ଞାନର ବ୍ୟବସାୟିକ ବ୍ୟବହାରକୁ ଅନୁମୋଦନ ଏବଂ ଲାଭାଂଶ ପ୍ରଦାନ ପ୍ରକ୍ରିୟାକୁ ଏନ୍‌ବିଏ ସ୍ଥିର କରିଥାଏ । (ଧାରା ୨୧.୨); ଏନ୍‌ବିଏ ଚୁକ୍ତିପତ୍ର ପ୍ରସ୍ତୁତ କରେ ଏବଂ ଏଥିରେ ଏନ୍‌ବିଏ ଏବଂ ଆବେଦନକାରୀ ସ୍ୱାକ୍ଷର କରନ୍ତି । ଦେଶର ନାଗରିକ ଜୈବସମ୍ପଦର ବ୍ୟବହାର କ୍ଷେତ୍ରରେ ବିଏମ୍‌ସି ଶୁଳ୍କ ସଂଗ୍ରହ କରିଥାଏ ।

*୧୪) ସ୍ଥାନୀୟ ଜୈବ ବିବିଧତା ପାଣ୍ଠିରେ ସଂଗୃହୀତ ଅର୍ଥର ବ୍ୟବହାରକୁ ନିୟନ୍ତ୍ରଣ କିଏ କରେ ?*

ରାଜ୍ୟ ସରକାରଙ୍କ ଦ୍ୱାରା ବିଜ୍ଞାପିତ (**Notified**) ପ୍ରତ୍ୟେକ ଅଂଚଳରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା କାର୍ଯ୍ୟ କରୁଥିଲେ, ଜୈବ ବିବିଧତା ପାଣ୍ଠି ସ୍ଥାନୀୟ ସ୍ତରରେ ଗଠନ କରାଯିବ । (ଧାରା-୪୩) ସ୍ଥାନୀୟ ଜୈବବିବିଧତା ପାଣ୍ଠି ବିଏମ୍‌ସି ଦ୍ୱାରା ସଂଗୃହିତ ଫିଜ୍ ଏବଂ ଶୁଳ୍କ ରାଜ୍ୟ ସରକାରଙ୍କ ରାଜ୍ୟ ଜୈବ ବିବିଧତା ପରିଷଦ ଏବଂ (SBB) ଏବଂ ଏନ୍‌ବିଏ ଦ୍ୱାରା ପ୍ରଦତ୍ତ ଅନୁଦାନରେ ଗଠିତ ହୋଇଥାଏ ।

ପାଣ୍ଠି ପରିଚାଳନା ପଦ୍ଧତି ରାଜ୍ୟ ସରକାର ନିର୍ଦ୍ଧାରଣ କରନ୍ତି । (ଧାରା ୪୪.୧) ଏହି ପାଣ୍ଠିଟି ବିଏମ୍‌ସି ନିଜ ଅଂଚଳରେ ଜୈବି ବିବିଧତାର ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଖର୍ଚ୍ଚ କରିବ ଏବଂ ଜୈବ ବିବିଧତା ସୁରକ୍ଷା ସହିତ ସମ୍ପର୍କିତ ସ୍ଥାନୀୟ ଜନଗୋଷ୍ଠୀକୁ ଲାଭ ପ୍ରଦାନ କରିବ । (**Section 42.2**)

***୧୫) ସ୍ଥାନୀୟ ଜୈବ ବିବିଧତା ପାଣ୍ଠିର କିପରି ତଦାରଖ ଏବଂ ପରିଚାଳନା କରାଯାଏ ?***

ଜୈବ ବିବିଧତା ପାଣ୍ଠିର ଦାୟିତ୍ୱରେ ଥିବା ବ୍ୟକ୍ତି ଏକ ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିବେ ଏବଂ ବର୍ଷ ମଧ୍ୟରେ ହୋଇଥିବା ଖର୍ଚ୍ଚକୁ ଉଲ୍ଲେଖ କରିବେ । ଉକ୍ତ ବ୍ୟକ୍ତିଟି ଖର୍ଚ୍ଚର ହିସାବରଖିବେ ଏବଂ ଏହା ରାଜ୍ୟର ଆକାଉଟାଣ୍ଟ ଜେନେରାଲଙ୍କ ଦ୍ୱାରା ଅଡିଟ୍ କରାଇବେ । ତା'ପରେ ଉକ୍ତ ବ୍ୟକ୍ତିଟି ବାର୍ଷିକ ରିପୋର୍ଟ ଏବଂ ଅଡ଼ିଟର୍ ରିପୋର୍ଟ ସହ ଆକାଉଣ୍ଟ ମଧ୍ୟ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାରେ ଜମାଦେବେ ଏବଂ ଉକ୍ତ ସଂସ୍ଥାଟି ଜିଲ୍ଲାପାଳଙ୍କୁ ଜମାଦେବେ ।

***୧୬) ଆଇନ ଅନୁମୋଦିତ ବିଭିନ୍ନ ପ୍ରକାର ଲାଭାଂଶ ଆବଣ୍ଟନର ପ୍ରକ୍ରିୟା କ'ଣ ଏବଂ ଏ କ୍ଷେତ୍ରରେ ବିଏମ୍‌ସିଗୁଡ଼ିକର (BMCS) ଭୂମିକା କ'ଣ ?***

ବିଦେଶୀ ବା ଭାରତୀୟ ବ୍ୟକ୍ତି ଅନୁଷ୍ଠାନ ଜୈବ ସମ୍ପଦର ବ୍ୟବହାର ଏବଂ ଏ ସମ୍ପର୍କିତ ସମାଜର (ଜନଗୋଷ୍ଠୀ) ଜ୍ଞାନର ବ୍ୟବହାର ଦ୍ୱାରା ଆର୍ଥିକ ଭାବେ ଲାଭାନ୍ୱିତ ହୁଅନ୍ତି, ତେବେ ଲାଭାଂଶ ଆବଣ୍ଟନ କରାଯାଏ । ଲାଭାଂଶ ଆବଣ୍ଟନର ଏକ ସୂତ୍ର ସ୍ଥିର କରାଯାଏ ।

ଆଇନର ଧାରା ୨୧.୨ ଅନୁସାରେ ଲାଭାଂଶ ଆବଣ୍ଟନ ବୌଦ୍ଧିକ ଅଧିକାର ପରି ପ୍ୟାଟେଣ୍ଟ, Geographical indicationକୁ ନେଇ ଆବେଦନକାରୀ, ଜାତୀୟ ଜୈବ ବିବିଧତା ପ୍ରାଧିକରଣ (NBA) ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଗୋଷ୍ଠୀଙ୍କ ମଧ୍ୟରେ ହୋଇଥାଏ । ଲାଭାଂଶର ଦାବୀଦାର ଏକ ବା ଏକାଧିକ ଗ୍ରାମ, ଗୋଟିଏ ବିଏମ୍‌ସି ବା ଅନେକ ବିଏମ୍‌ସି ହୋଇପାରନ୍ତି । ଲାଭାଂଶର ଆବଣ୍ଟନ ଏକ ମିଳିତ ଆର୍ଥିକ ପାଣ୍ଠି ମାଧ୍ୟମରେ ଲାଭାଂଶର ଦାବୀଦାର, ବୈଜ୍ଞାନିକ ଏବଂ ଆବେଦନକାରୀଙ୍କ ମଧ୍ୟରେ ଆବଣ୍ଟନ କରାଯାଏ । ଏହା ଗବେଷଣା ଏବଂ ମିଳିତ ଅନୁଧ୍ୟାନ ପାଇଁ ଖର୍ଚ୍ଚ କରାଯାଇପାରେ ।

ଲାଭାଂଶ କେଉଁମାନେ ପାଇବେ ଏବଂ ଲାଭାଂଶ ଆବଣ୍ଟନ କିପରି ହେବ, ଏ



ସମ୍ପର୍କିତ ନିର୍ଣ୍ଣୟ ବିଏମ୍‌ସି ବା ସ୍ଥାନୀୟ ଗୋଷ୍ଠୀ ନିର୍ଣ୍ଣୟ ନିଅନ୍ତି ନାହିଁ । ଏହା ଜାତୀୟ ଜୈବ ବିବିଧତା ପ୍ରାଧିକରଣ (***NBA***) ନିର୍ଣ୍ଣୟ କରିଥାଏ ।

ବର୍ତ୍ତମାନର ଆଇନ ଅନୁସାରେ ସର୍ବାଧିକ ଲାଭ ଜାତୀୟ ଜୈବ ବିବିଧତା ପାଣ୍ଠି (National Biodiveirsity fund)କୁ ମିଳିଥାଏ ।

***୧୭) ସ୍ଥାନୀୟ ଜନଗୋଷ୍ଠୀର ଜୀବିକା ଜୈବସମ୍ପଦର ବ୍ୟବହାର ସମ୍ପର୍କିତ ଅନୁମୋଦନ ଦ୍ୱାରା ପ୍ରଭାବିତ କି ନୁହେଁ, କିପରି ଜାଣିବେ ? ବିଏମ୍‌ସି ଅନୁମୋଦନ ସମ୍ପର୍କିତ ସମସ୍ତ ତଥ୍ୟ ଲିପିବଦ୍ଧ କରି ରଖେ କିଏ ?***

ଜାତୀୟ ଜୈବ ବିବିଧତା ପ୍ରାଧିକରଣ (NBA)ରେ ଥିବା ସମସ୍ତ ତଥ୍ୟ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବା ଜାଣିବା ଚାହିଁଲେ ଜାଣିପାରିବେ ବୋଲି କୁହାଯାଉଥିଲେ ମଧ୍ୟ ବାସ୍ତବରେ ଏହାର ୱେବସାଇଟ୍‌ରେ ସମସ୍ତ ତଥ୍ୟ ଉପଲବ୍ଧ ନୁହେଁ । ଏ ଦିଗରେ ଯଥେଷ୍ଟ ସ୍ୱଚ୍ଛତା ରକ୍ଷା କରାଯାଉ ନାହିଁ ।

ଯଦି ଆଇନଟିକୁ ଠିକ୍‌ଭାବରେ କାର୍ଯ୍ୟକାରୀ କରାଯାଏ, ତା'ହେଲେ ଜୈବସମ୍ପଦ ସମ୍ପର୍କିତ କୌଣସି ଅନୁମୋଦନ ପୂର୍ବରୁ ସମ୍ପୃକ୍ତ BMCରେ ପରାମର୍ଶ ଗ୍ରହଣ କରାଯିବା ଆବଶ୍ୟକ, ଏହା କରାଗଲେ ବିଏମ୍‌ସି ନିକଟରେ ଆବଶ୍ୟକ ତଥ୍ୟ ଉପଲବ୍ଧ ହୁଅନ୍ତା ଏବଂ ସ୍ଥାନୀୟ ଲୋକେ ଜାଣିପାରନ୍ତେ । ଅଧିକାଂଶ କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି ।

***୧୮) ଅନୁଷ୍ଠିତ ଲାଭାଂଶ ଆବଣ୍ଟନ ବ୍ୟବସ୍ଥା ବା ଅନୁମୋଦନ ପ୍ରଦାନକୁ ନେଇ କୌଣସି ଦ୍ୱନ୍ଦ୍ୱ ସୃଷ୍ଟି ହେଲେ କ'ଣ କରାଯିବ ? ଯଦି ବିଏମ୍‌ସି ରାଜି ହେବନାହିଁ, ଏନ୍‌ବିଏ ଏବଂ ଏସ୍‌ବିବିର ନିଷ୍ପତ୍ତି ସହ କ'ଣ ହେବ ?***

ଜୈବ ସମ୍ପଦ ଏବଂ ସମ୍ପର୍କିତ ଜ୍ଞାନର ବ୍ୟବହାରକୁ ବିଏମ୍‌ସି ନିୟନ୍ତ୍ରଣ କରିପାରିବ ନାହିଁ । ବିଏମ୍‌ସି, ଏନ୍‌ବିଏ ଏବଂ ଏସ୍‌ବିବି(SBB) ନିଷ୍ପତ୍ତି ବିରୁଦ୍ଧରେ ଅପିଲ କରିବା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବହାର ଆଇନରେ ନାହିଁ । ଏନ୍‌ବିଏ ଏବଂ ଏସ୍‌ବିବିର ନିଷ୍ପତ୍ତିଯୋଗୁଁ କେହି ଅସନ୍ତୁଷ୍ଟ ହେଲେ ଉକ୍ତ ବ୍ୟକ୍ତି ନିଷ୍ପତ୍ତି ଗ୍ରହଣ ହେବାର ୩୦ଦିନ ବା ସେ ଗ୍ରହଣ କରିଥିବା ଆଦେଶ ପତ୍ରର ୩୦ଦିନ ମଧ୍ୟରେ ହାଇକୋର୍ଟରେ ଅପିଲ୍ କରିପାରିବେ ।

***୧୯) ଅନୁମୋଦନ ଫିଜ୍ ଲାଗୁ କ୍ଷେତ୍ରରେ ଗୋଟିଏ ବିଏମ୍‌ସି, ଅନ୍ୟ ଏକ ବିଏମ୍‌ସିକୁ ଚ୍ୟାଲେଞ୍ଜ କରିପାରିବ କି ?***

ଆଇନରେ ଏ ସମ୍ପର୍କରେ କୌଣସି ବ୍ୟବସ୍ଥା ନାହିଁ ।

**୨୦) ବିଏମ୍‌ସିର ଗାଁ ବା ସହରରେ ଥିବା ଗ୍ରାମ୍ୟ ଜଙ୍ଗଲ କମିଟି (VFC) ଏବଂ ପରିବେଶ -ଉନ୍ନୟନ କମିଟି (EDC) ସହ କିଭଳି ଭାବରେ ସମ୍ପର୍କିତ ?**

ଅନ୍ୟ ସ୍ଥାନୀୟ ଅନୁଷ୍ଠାନ ସହ ବିଏମ୍‌ସିର ସମ୍ପର୍କ ବିଷୟରେ ଜାତୀୟ ଆଇନରେ କୌଣସି ପ୍ରକାର ସୂଚନା ନାହିଁ । ଯଦି ସ୍ଥାନୀୟ ସ୍ୱାୟତ୍ତଶାସନ ଅନୁଷ୍ଠାନ (local body) ଅନୁଭବ କରନ୍ତି ଗାଁରେ ରହିଥିବା ଗ୍ରାମ୍ୟ ଜଙ୍ଗଲ କମିଟ ବା ପରିବେଶ ଉନ୍ନୟନ କମିଟି କିମ୍ବା ଗ୍ରାମସଭା ବିଏମ୍‌ସି ଭାବେ କାର୍ଯ୍ୟ କରିପାରିବେ, ତା'ହେଲେ ଗାଁର ଏହି ସଂସ୍ଥାମାନେ ବିଏମ୍‌ସି ଭାବେ କାର୍ଯ୍ୟ କରିପାରିବେ ।

**୨୧) ଜୈବ ବିବିଧତା ଐତିହ୍ୟ (Biodiversity Heritage Site) ଅଂଚଳ ଘୋଷଣା କ୍ଷେତ୍ରରେ ବିଏମ୍‌ସିର କୌଣସି ଭୂମିକା ରହିଛି କି ?**

କୌଣସି ଅଂଚଳ ଜୈବବିବିଧତା ଅଂଚଳ (Biodiversity Heritage sites) ଭାବେ ଚିହ୍ନଟ ଏବଂ ଘୋଷଣା ସ୍ଥାନୀୟ ସ୍ୱାୟତ୍ତ ଶାସକଙ୍କ ପରାମର୍ଶକ୍ରମେ କରିବେ । (ଧାରା ୩୭) । ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ବିଏମ୍‌ସିର ପରାମର୍ଶ ଏ କ୍ଷେତ୍ରରେ ନେବା ବାଧ୍ୟତାମୂଳକ ନୁହେଁ ।

**୨୨) ଜୈବ ସମ୍ପଦର ଚୋରା ବ୍ୟବସାୟ କ୍ଷେତ୍ରରେ ବିଏମ୍‌ସି କ'ଣ କରିବ ?**

ଉପଯୁକ୍ତ ଆର୍ଥିକ ଲାଭ ଆବଣ୍ଟନ ବିନା ଜୈବ ସମ୍ପଦ ଏବଂ ଏ ସମ୍ପର୍କିତ ଓ ସ୍ଥାନୀୟ ଜନଗୋଷ୍ଠୀର ଜ୍ଞାନର ବ୍ୟବସାୟିକତା କ୍ଷେତ୍ରରେ ବିଏମ୍‌ସି କ'ଣ କରିବ, ଆଇନରେ ସ୍ପଷ୍ଟଭାବେ ଉଲ୍ଲେଖ କରାଯାଇ ନାହିଁ । ବିଏମ୍‌ସି, ଏସ୍‌ବିବି ଏବଂ ଏନ୍‌ବିଏରେ ଏ ପ୍ରସଙ୍ଗଟି ଉତ୍‌ଥାପନ କରିପାରିବ । ନିୟମରେ ଏ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇ ନାହିଁ ।

❖❖❖

## ‘ସମଦୃଷ୍ଟି ମୁକ୍ତ ବିଦ୍ୟାଳୟ’ର ଅନ୍ୟାନ୍ୟ ପ୍ରକାଶନ

- ‘ମୁକ୍ତିପାଇଁ ଶିକ୍ଷା’
- ‘ଆମ ଗତି କୁଆଡ଼େ’
- ‘ଖବର କିପରି ସୃଷ୍ଟି କରାଯାଏ’
- ‘ସମ୍ବାଦ ପତ୍ରର ଇତିବୃତ୍ତି’

Printed at Siksha Prakashani,ND-7, VIP Area,
IRC Village Bhubaneswar - 751015